# Akashvani, Sambalpur

# SAMBALPURI NEWS MORNING BULLETIN

## 12 June 2026 - 6.47- 6.52 am.

---

ରାଜ୍ୟ ବିଜେପି ସର୍‌କାର୍‌- ୨ ବଛର୍‌      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବିଜେପି ସର୍‌କାର୍‌ ଗଠନ୍‌କେ ଆଏଜ୍‌ ୨ ବଛର୍‌ ପୁରା ହେଇଛେ । ଇ ଅବ୍‌ସରେ ଦିନର ସାଢ଼େ ୧୧ ବଜେ ଭୁବ୍‌ନେଶ୍ୱର୍‌ ଲୋକ୍‌ସେବା ଭବନ୍‌ ନ ମୁଖ୍ୟମନ୍ତ୍ରୀ ମୋହନ୍‌ ଚରଣ୍‌ ମାଝୀ ରାଜ୍ୟବାସୀଙ୍କୁ ସମ୍ବୋଧିତ କର୍‌ବେ । ସାମ୍ବାଦିକ୍‌ ସମ୍ମିଳନୀଥି ଗଲା ୨ ବଛ୍‌ରେ ସର୍‌କାର୍‌ଙ୍କର୍‌ ଉପଲବ୍ଧି ବାବ୍‌ଦେ କହେବାର୍‌ ସହେତେ ଆଏବା ଦିନେ ନୂଆଁ ଯୋଜ୍‌ନା ମାନ୍‌କର୍‌ ବାବ୍‌ଦେ ଭିଲ୍‌ ସୂଚ୍‌ନା ଦେବେ । ସେଆଡ଼େ ଉପର୍‌ବେଲା ୪ ବଜେ ପ୍ରଦର୍ଶନୀ ପଡ଼ିଆ ନ ମୁଖ୍ୟମନ୍ତ୍ରୀ ଭିନ୍‌ ଭିନ୍‌ ପ୍ରକଳ୍ପ ଆଉ ଯୋଜ୍‌ନାର୍‌ ଶୁଭାରମ୍ଭ କର୍‌ବେ । ଖାସ୍‌ କରି "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜ୍‌ନା" ଆଉ "ସୁଭଦ୍ରା ଶକ୍ତି ସମ୍ବାଦ୍‌"ର ଶୁଭାରମ୍ଭ କର୍‌ବେ । ରାଜ୍ୟର୍‌ ସବୁ ଅଙ୍ଗନବାଡ଼ି କର୍ମୀ, ମହିଳା ସୁପର୍‌ଭାଇଜର୍‌ ବ୍ଲକ୍‌ ସଂଯୋଜକ୍‌ ମାନ୍‌କୁ ସ୍ମାର୍ଟ ଫୋନ୍‌

ଦେବାର୍ ଭିଲ୍ ମୁଖ୍ୟମନ୍ତ୍ରୀ ଆଏଜ୍ ଶୁଭାରମ୍ଭ କର୍ବେ । କାର୍ଯ୍ୟକ୍ରମଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ୍ ଆଉ ବିଧାୟକ୍ମାନେ ଉପସ୍ଥିତ୍ ରହେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଏସ୍ଆଇଆର        ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍ଆଇଆର୍ ଅଭିଯାନ୍ଥି ଗଲା ୧୩ ଦିନ୍ ଭିତ୍ରେ ୯୬ ଦଶ୍ମିକ୍ ୮/୬ ପ୍ରତିଶତ୍ ଭୋଟର୍ଙ୍କର୍ ପାଖେ ଗଣନା ଫର୍ମ ପୁହୁଁଚାବାର୍ଥି ବୁଥ୍ସ୍ତରୀୟ ଅଧିକାରୀମାନେ ସଫଲ୍ ହେଇଛନ୍ । ଗଲାକାଏଲ୍ ବେଲ୍ବୁଡ଼ାତକ୍ ରାଏଜେ ୩ କୋଟି ୨୩ ଲାଖ୍ ୫୦ ହଜାର୍ ୬ ଶହ ୭୦ ଝନ୍ ଭୋଟର୍ଙ୍କୁ ଫର୍ମ ବାଂଟ୍ବାର୍ କାମ୍ ଶେଷ୍ ହେଇଛେ । ଇ ସଂଶୋଧନ୍ ପ୍ରକ୍ରିୟାଥି ଫର୍ମ ବଂଟନ୍ ଆଉ ଦାଖଲ୍ ସମିଆ ଜୁନ୍ ୨୮ ତାରିଖ୍ ରହିଛେ । ହେଥିର୍ଲାଗି ଯେନ୍ ଭୋଟର୍ମାନେ ଏବ୍ତକ୍

ଫର୍ମ ଦାଖଲ୍ ନାଇଁକରି ସେମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ଦାଖଲ୍ କର୍‌ବାର୍‌କେ ପ୍ରଶାସନ୍ ତରଫୁ ଅନୁରୋଧ୍ କରାଯାଇଛେ ।

ଗୋକୁଳାନନ୍ଦ ମଲ୍ଲିକ     ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶାକେ ପୂର୍ବ ଭାରତ୍‌ର ସାମୁଦ୍ରିକ୍ ମତ୍ସ୍ୟ ଉତ୍ପାଦନ୍ ଆଉ ଚିଙ୍ଗୁଡ଼ି ରପ୍ତାନୀର୍ ହବ୍ କର୍‌ବାର୍ ଲକ୍ଷ୍ୟଥି ଗଲାକାଏଲ୍ 'ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟ ମିଶନ୍' ଆଉ ' ଓଡ଼ିଶା ଚିଙ୍ଗୁଡ଼ି ମିଶନ୍'କେ ନେଇକରି ରାଜ୍ୟସ୍ତରୀୟ ଅଂଶୀଦାର୍ ପରାମର୍ଶ କର୍ମଶାଳା ହେଇଯାଇଛେ । ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଇତାକେ ଉଦ୍‌ଘାଟନ୍ କରିକରି କହିଛନ୍, ଇ ଦୁହି ମିଶନ୍ ଜରିଏ ଓଡ଼ିଶା ନୀଳ ଅର୍ଥନୀତିର ମୁଖିଆ କେନ୍ଦ୍ର ହେବା । ଅତ୍ୟାଧୁନିକ୍ ପ୍ରଯୁକ୍ତିବିଦ୍ୟା, ଅଏତ୍‌କା ମଛ୍‌ଧରା ଆଉ ରପ୍ତାନୀ ସୁଯୋଗ୍ ତିଆର୍ କର୍‌ବାର୍ ସହେତେ ଚିଙ୍ଗୁଡ଼ି ମିଶନ୍ ଜରିଏ ଇ ଚାଷ୍‌ଥି ଉତ୍ପାଦନ୍ ବଢ଼ିଛେ । ଇଟା ଲାଖ୍ ଲାଖ ମତ୍ସ୍ୟଜୀବୀଙ୍କର୍ ଜିବିକାକେ ସଶକ୍ତ କରିଛେ ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।

(ଭଏସ୍ ଓଭର୍- ଗୋକୁଳାନନ୍ଦ ମଲ୍ଲିକ୍)

କାର୍ଯ୍ୟକ୍ରମ୍‌ଥି ବିଭାଗ୍‌ର ବରିଷ୍ଠ ଅଧିକାରୀ, ବିଶେଷଜ୍ଞ, ଉଦ୍ୟୋଗ୍‌ପତି ଆଉ ସବୁ ଅଂଶୀଦାର୍ ମାନ୍‌କର୍ ସହେତେ ନୀଳ ଅର୍ଥନୀତି ବାବ୍‌ଦେ ଆଲୋଚନା ହେଇଥିଲା ।

ନିଟ୍ ୟୁଜି - ମାହାଲିଆ ବସ୍ ସେବା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୧ ତାରିଖ୍ ନିଟ୍ ୟୁଜି- ୨୦୨୬ ର ଫେର୍‌ଘାଏ ପରୀକ୍ଷା ହେବାର୍‌କେ ଯାଉଛେ । ଇଥିର୍‌ଲାଗି ରାଏଜେ ପରୀକ୍ଷାର୍ଥୀମାନ୍‌କୁ ଲାଗି ମାହାଲିଆ ବସ୍ ସେବା ଯୁଗେଇ ଦିଆଯିବା । ରାଏଜେ ହଉଥିବା ଖରା ଆଉ ଆର୍ଥିକ୍ ଅନଗ୍ରସର୍ ଛାତ୍ରଛାତ୍ରୀମାନ୍‌କୁ ଇ ସାହାଜ୍ ଯୁଗେଇ ଦେବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିଷ୍ପତି ନେଇଛନ୍ । ପରୀକ୍ଷାର୍ଥୀମାନେ ବୈଧ ଏଡ଼ମିଟ୍‌କାର୍ଡ଼ ଦେଖେଇକରି ମାହାଲିଆ ବସ୍ ସେବା ପାଇପାର୍‌ବେ । ଇ ନିର୍ଦ୍ଦେଶ୍‌କେ କାର୍ଯ୍ୟକାରୀ କର୍‌ବାର୍ ଲାଗି ଜିଲ୍ଲା ପ୍ରଶାସନ୍, କ୍ଲୁଟ୍, ଆଉ ଉଚ୍ଚଶିକ୍ଷା ବିଭାଗ୍ ସାଙ୍ଗେ ଆଲୋଚନା କରିକରି ପଦକ୍ଷେପ୍ ନେବାର୍‌କେ ପରିବହନ୍ ବିଭାଗ୍ ତର୍‌ଫୁ ଆଏଜ୍ ଓଏସ୍‌ଆର୍‌ଟିସି

ଅଧ୍ୟକ୍ଷ ଆଉ ପରିବହନ୍ କମିଶନରଙ୍କୁ ଚିଠି ଲେଖିକରି କହିଛନ୍ । ରାଜ୍ୟର୍ ଶହେ ୩୨ ଟା ପରୀକ୍ଷା କେନ୍ଦ୍ର ନ ୫୬ ହଜାର୍ ୯ ଶହ ୮୩ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବଲି ଜନାପଡ଼ିଛେ ।

ରାଷ୍ଟ୍ରପତି ଭବନ-ରଜ ମହୋତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ମାସ ୧୫ ଆଉ ୧୬ ତାରିଖ୍ ରାଷ୍ଟ୍ରପତି ଭବନ୍ ନ ରଜ ମହୋତ୍ସବ୍ ପାଲନ୍ କରାଯିବା । ଇଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସହେତେ ଓଡ଼ିଶାର୍ ସବୁ ଲୋକ୍‌ସଭା, ରାଜ୍ୟସଭା ସାଂସଦ୍ ଆଉ ମନ୍ତ୍ରୀ ଉପସ୍ଥିତ୍ ରହେବାର୍ କାର୍ଯ୍ୟକ୍ରମ୍ ରହିଛେ । ଉତ୍ସବ୍‌ଥି ସମ୍ବଲ୍‌ପୁର୍‌ର ଲହରୀ ସାଂସ୍କୃତିକ୍ ଅନୁଷ୍ଠାନ୍‌ର କଳାକାର୍‌ମାନେ ସମ୍ବଲ୍‌ପୁରୀ ଲୋକନୃତ୍ୟ ପରିବେଷଣ୍ କର୍‌ବେ ବଲି ଜନାପଡ଼ିଛେ ।

ଏସ୍‌ଆଇଆର୍ ନୂଆପଡ଼ା ସମ୍ବାଦଦାତା

ସ୍ୱତନ୍ତ୍ର ସଘନ ସଂଶୋଧନ୍-୨୦୨୬ ଅଧୀନ୍‌ଥି ଭୋଟର୍ ତାଲିକା ସଂଶୋଧନ୍ ପ୍ରକ୍ରିୟାର୍ ଅଗ୍ରଗତିକେ ନେଇକରି ନୂଆପଡ଼ା ବ୍ଲକ୍

ସମ୍ମିଳନୀ କକ୍ଷ ନ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଉପ ଜିଲ୍ଲାପାଲ୍ ଆଉ ଭୋଟର୍ ପଞ୍ଜିକରଣ୍ ଅଧିକାରୀ ସୁର୍ମୀ ସୋରେନ୍‌ଙ୍କର୍ ଅଧକ୍ଷତାଥି ହେଇଥିବା ବୈଠକ୍‌ଥି ବୁଥ୍‌ସ୍ତରୀୟ ଅଧିକାରୀମାନ୍‌କର୍ କାମ୍‌ର ସମୀକ୍ଷା କରାଯାଇଥିଲା । ଇ ଅବ୍‌ସରେ ବୁଥ୍ ନମ୍ବର୍ ଶହେ ୮୮ ର ବିଏଲ୍‌ଓ ହୀରାଲାଲ୍ ପଟେଲ୍‌ଙ୍କୁ ଶହେ ପ୍ରତିଶତ୍ ଫର୍ମ ବଂଟନ୍, ସଂଗ୍ରହ ଆଉ ନିର୍ଭୁଲ୍ ଡିଜିଟାଇଜେସନ୍ କରିଥିବାର୍‌ନୁ ପ୍ରଶଂସା ପତ୍ର ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୩ ଦିନ୍ ଭିତ୍‌ରେ ଦକ୍ଷିଣ୍ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଆସିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଆଏବା ୭ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଚଡ଼କ୍ ମାରିକରି ବର୍ଷା ହେବାର୍ ସମ୍ଭାବନା ରହିଛେ । ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ କାଲ୍‌ବୈଶାଖୀର୍ ବଲେ ଆଏବା ୨୪ ଘଂଟା ଭିତ୍‌ରେ ହାଲ୍‌କାନୁ

ମଧ୍ୟମ୍ ଧରଣ୍ର ବର୍ଷା ହେଇପାରେ । ଗଲାକାଏଲ୍ ଝାର୍ସୁଗୁଡ଼ା ନ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୪୨ ଦଶ୍ମିକ୍ ୫ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼୍ କରାଯାଇଛେ ।